# NATIONAL NEWS BULLETIN (ODIA)

**13 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପଞ୍ଜାବସ୍ଥିତ ଆଦମପୁର ସାମରିକ ଘାଟି ପରିଦର୍ଶନ କରି ବୀର ଯୋଦ୍ଧା ସୈନିକମାନଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।

- ଅପରେସନ୍ ସିନ୍ଦୂରର ସଫଳତା ପରେ ଆଜିଠାରୁ ଦେଶବ୍ୟାପି ୧୧ ଦିନିଆ ତିରଙ୍ଗା ଯାତ୍ରା ଅଭିଯାନ ଆରମ୍ଭ ।

- କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ - ସିବିଏସ୍ଇ ଦ୍ୱାରା ପରିଚାଳିତ ଚଳିତବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶିତ ।

- ଦେଶର ପଶ୍ଚିମାଞ୍ଚଳ ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ପରିସ୍ଥିତିର ସମୀକ୍ଷା କଲେ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ପଞ୍ଜାବର ଅମୃତସର ଜିଲ୍ଲା ଅନ୍ତର୍ଗତ ମାଜିଥାରେ ବିଷାକ୍ତ ମଦ୍ୟପାନ କରି ୧୪ ମୃତ ।

# ପିଏମ୍-ଆଦମପୁର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ପଞ୍ଜାବସ୍ଥିତ ଆଦମପୁର ସାମରିକ ଘାଟି ପରିଦର୍ଶନ କରି ବୀର ଯୋଦ୍ଧା ସୈନିକମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ବୀର ସୈନିକ ମାନଙ୍କ ସାହସୀ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେଉଁମାନେ ଦୃଢ଼ ଲକ୍ଷ୍ୟ, ଅଦମ୍ୟ ସାହସ ଏବଂ ନିର୍ଭୀକତାର ପରିଚୟ ଦେଇଛନ୍ତି ସେମାନଙ୍କ ସହ କଥା ହେବା ସ୍ୱତନ୍ତ୍ର ଥିଲା । ସେ କହିଛନ୍ତି ଦେଶପାଇଁ ଆମ ସଶସ୍ତ୍ରବାହିନୀ ଯେଉଁ ସମର୍ପଣଭାବ ପ୍ରଦର୍ଶନ କରିଛନ୍ତି ସେଥିଲାଗି ସେ କୃତଜ୍ଞତା ପ୍ରକାଶ କରୁଛନ୍ତି ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଅପରେସନ ସିନ୍ଦୂରର ସଫଳତା ନେଇ ଶ୍ରୀ ମୋଦୀ ଆଦମପୁର ସାମରିକ ଘାଟି ପରିଦର୍ଶନ କରିଥିଲେ । ଅପରେସନ ସିନ୍ଦୂରରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରର ଅନେକଗୁଡ଼ିଏ ଆତଙ୍କୀ ଶିବିରକୁ ନଷ୍ଟ କରିବା ସହ ଭାରତୀୟ ସେନା ଏହି ଅଭିଯାନରେ ଏକଶହରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିଥିଲା ।

ଗତକାଲି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଆତଙ୍କବାଦକୁ ସମୁଳେ ବିନାଶ କରିବା ଲାଗି ଦେଶ ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ସେ କହିଥିଲେ ଅଣୁ ଅସ୍ତ୍ରର ଭୟ ଦେଖାଇ ଆତଙ୍କବାଦ ଆକ୍ରମଣ କଲେ ତାହାର ଦୃଢ଼ ଜବାବ ଦିଆଯିବ । ପ୍ରଧାନମନ୍ତ୍ରୀ କହିଲେ... **V/O**

# ବିଜେପି-ତ୍ରିରଙ୍ଗା ଯାତ୍ରା

ଅପରେସନ୍ ସିନ୍ଦୂରର ସଫଳତା ପରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜିଠାରୁ ଦେଶବ୍ୟାପି ୧୧ ଦିନିଆ ତିରଙ୍ଗା ଯାତ୍ରା ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଭାରତୀୟ ସଶସ୍ତ୍ର ବାହିନୀର ପାକିସ୍ତାନ ବିରୋଧରେ ସଫଳ ପଦକ୍ଷେପ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାମରିକ କର୍ମଚାରୀ, ସମାଜସେବୀ, ସାମାଜିକ ଅନୁଷ୍ଠାନ ଓ ବିଜେପିର ପ୍ରମୁଖ ନେତାମାନେ ସାମିଲ ହେବେ । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କୀ ଆଡ୍ଡା ଧ୍ୱଂସକରିବା ପ୍ରସଙ୍ଗକୁ ଗୁରୁତ୍ୱ ଦିଆଯିବ । ଏହି ଅବସରରେ ଆଜି ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ଅନ୍ୟ ବ୍ୟକ୍ତିବିଶେଷମାନେ ସଂଧ୍ୟାରେ କର୍ତ୍ତବ୍ୟପଥରେ ଆୟୋଜିତ ହେବାକୁଥିବା କାର୍ଯ୍ୟକ୍ରମରେ ଯୋଗଦେବେ ।

# ସିବିଏସ୍ଇ ରେଜଲ୍ଟ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ - ସିବିଏସ୍ଇ ଦ୍ୱାରା ପରିଚାଳିତ ଚଳିତବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି । ଦ୍ୱାଦଶ ଶ୍ରେଣୀରେ ୮୮ ଦଶମିକ ୩/୯ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଝିଅମାନେ ପୁଅମାନଙ୍କ ତୁଳନାରେ ଏହି ପରୀକ୍ଷାରେ

ଉନ୍ନତ ପ୍ରଦର୍ଶନ କରିଛନ୍ତି । ୯୧ ପ୍ରତିଶତ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଛାତ୍ରମାନଙ୍କ ଠାରୁ ଛାତ୍ରୀମାନଙ୍କ ସଫଳତା ହାର ୫ ଦଶମିକ ୯/୪ ପ୍ରତିଶତ ଅଧିକ ରହିଛି । ତୃତୀୟଲିଙ୍ଗୀ ଶିକ୍ଷାର୍ଥୀମାନେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତବର୍ଷ ୮୮ଦଶମିକ ୩/୯ ପ୍ରତିଶତ ଛାତ୍ରଛାତ୍ରୀ ଦ୍ୱାଦଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଗତବର୍ଷ ତୁଳନାରେ ଏହା ଶୂନ୍ ଦଶମିକ ୪/୧ ପ୍ରତିଶତ ଅଧିକ ରହିଛି । ଚଳିତବର୍ଷ ୧୬ଲକ୍ଷ ୯୨ହଜାର ୭୯୪ଜଣ ପରୀକ୍ଷାର୍ଥୀ ଦ୍ୱାଦଶ ପରୀକ୍ଷା ଦେଇଥିଲେ ।

ଦଶମ ଶ୍ରେଣୀରେ ୯୩ ଦଶମିକ ୬/୬ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଗତବର୍ଷତୁଳନାରେଏହା ଶୂନ ଦଶମିକ ୦/୬ ପ୍ରତିଶତ ଅଧିକ ରହିଛି । ୯୫ ପ୍ରତିଶତ ଛାତ୍ରୀ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ପୁଅମାନଙ୍କ ତୁଳନାରେ ଏହା ୨ ଦଶମିକ ୩/୭ ପ୍ରତିଶତ ଅଧିକ ରହିଛି । ଚଳିତବର୍ଷ ୨୩ଲକ୍ଷ ୭୧ହଜାର ୯ଶହ ଅଣଚାଳିଶ ଜଣ ପରୀକ୍ଷାର୍ଥୀ ଦଶମ ପରୀକ୍ଷା ଦେଇଥିଲେ ।

ପରୀକ୍ଷା ଫଳ **cbse.gov.in, results.nic.in, results.digilocker.gov.in** ଏବଂ **umang.gov.in** ୱେବ୍‌ସାଇଟ୍‌ରେ ଉପଲବ୍ଧ ହେଉଛି ।

# ରାଜନାଥ ମିଟିଂ

ନୂଆଦିଲ୍ଲୀରେ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ ଉଚ୍ଚସ୍ତରୀୟବୈଠକରେ ଦେଶର ପଶ୍ଚିମାଞ୍ଚଳ ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷା

ପରିସ୍ଥିତିର ସମୀକ୍ଷା କରିଛନ୍ତି । ବୈଠକରେ ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନ, ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ, ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏବଂ ବାୟୁସେନା ଉପମୁଖ୍ୟ ଏୟାର ମାର୍ଶାଲ ନର୍ମଦେଶ୍ୱର ତିୱାରୀ ଉପସ୍ଥିତ ଥିଲେ । ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ମଧ୍ୟ ବୈଠକରେ ଉପସ୍ଥିତ ଥିବା ଜଣାପଡିଛି ।

## ଇଣ୍ଡିଆ ୟୁଏସ୍ ଟାରିଫ

ବିଭିନ୍ନ କ୍ଷେତ୍ରରେ ଆମେରିକା ପକ୍ଷରୁ ଶୁଳ୍କ ବୃଦ୍ଧି କରାଯାଇଥିବାବେଳେ ଏହାର ଜବାବରେ ଭାରତ ଇସ୍ପାତ ଏବଂ ଆଲୁମିନିୟମ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରିବା ଲାଗି ପ୍ରସ୍ତାବ ରଖିଛି । ଶୁଳ୍କ ବୃଦ୍ଧି ସମ୍ପର୍କରେ ଭାରତ ପକ୍ଷରୁ ବିଶ୍ୱ ବାଣିଜ୍ୟ ସଂଗଠନକୁ ଅବଗତ କରାଯାଇଛି । ଭାରତ ପକ୍ଷରୁ ଅଭିଯୋଗ କରାଯାଇଛି, ୧୯୯୪ ବୁଝାମଣା ଅନୁଯାୟୀ ଆମେରିକାର ଶୁଳ୍କ ବୃଦ୍ଧି ଗ୍ରହଣୀୟ ନୁହେଁ । ଜାତୀୟ ସୁରକ୍ଷା ଦୃଷ୍ଟିରୁ ଭାରତୀୟ ଉତ୍ପାଦ ଗୁଡ଼ିକ ଉପରେ ରପ୍ତାନୀ ଶୁଳ୍କ ହ୍ରାସ କରିବା ଲାଗି ଦିଆଯାଇଥିବା ପ୍ରସ୍ତାବକୁ ଟ୍ରମ୍ପ ପ୍ରଶାସନ ପୂର୍ବରୁ ବିରୋଧ କରିଥିଲା ଏବଂ ବିଶ୍ୱ ବାଣିଜ୍ୟ ସଂଗଠନକୁ ସେଭଳି ପଦକ୍ଷେପ ନେବାକୁ ବାରଣ କରିଥିଲା । ଅନ୍ୟପକ୍ଷରେ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବିଶ୍ୱ ବାଣିଜ୍ୟ ସଂଗଠନର ବିଚାରାଧୀନ ଥିବାବେଳେ ଭାରତ

ଖୁବ୍‌ଶୀଘ୍ର ଟ୍ରମ୍ପ ପ୍ରଶାସନ ସହିତ ନୂଆ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାର ସମ୍ଭାବନା ରହିଛି । ସୂଚନା ଅନୁଯାୟୀ ଆମେରିକାର ଶୁଳ୍କ ବୃଦ୍ଧି ଯୋଗୁଁ ଭାରତୀୟ ଉତ୍ପାଦ ଗୁଡ଼ିକର ଆମଦାନୀ ଉପରେ ୭ ଦଶମିକ ୬ ବିଲିୟନ ଡଲାରର ଆର୍ଥିକ ବୋଝ ପଡିବ ।

## ପଞ୍ଜାବ ଲିକର ଡେଥ୍

ପଞ୍ଜାବର ଅମୃତସର ଜିଲ୍ଲା ଅନ୍ତର୍ଗତ ମାଜିଥାରେ ବିଷାକ୍ତ ମଦ୍ୟପାନ କରି ୧୪ଜଣଙ୍କ ମୃତ୍ୟୁ ଘଟିଛି । ଗୁରୁତର ଆହତ ୬ଜଣଙ୍କୁ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଛି । ଅମୃତସର ଡେପୁଟୀ କମିଶନର ସାକ୍ଷୀ ସାହାଣୀ କହିଛନ୍ତି ବିଷାକ୍ତ ମଦ୍ୟପାନ କରି ଏପର୍ଯ୍ୟନ୍ତ ୧୪ଜଣଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ ହୋଇଛି । ଆହତମାନଙ୍କ ଚିକିତ୍ସା ନିମନ୍ତେ ସମସ୍ତ ସରକାରୀ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି । ଏକ ମେଡ଼ିକାଲ ଟିମ୍ ପକ୍ଷରୁ ଘରକୁଘର ବୁଲି ଅନ୍ୟ ଆହତମାନଙ୍କୁ ଠାବ କରାଯାଉଥିବା ସେ କହିଛନ୍ତି । ଇତିମଧ୍ୟରେ ମଦ ଯୋଗାଣ କରିଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି ।

**V/O**

## ଇସ୍ରାଏଲ ହଷ୍ଟେଜ ରିଲିଜ

ଇସ୍ରାଏଲ-ଆମେରିକୀୟ ବନ୍ଧକ ଏଡାନ ଆଲେକଜାଣ୍ଡାର ହମାସ୍‌ଦ୍ୱାରା ମୁକ୍ତ ହେବା ପରେ ଇସ୍ରାଏଲରେ ପହଞ୍ଚିଛନ୍ତି । ପ୍ରାୟ ୧୯ମାସରୁ ଅଧିକ

ସମୟ ଧରି ଆଲେକଜାଣ୍ଡାରଙ୍କୁ ଗାଜାରେ ହମାସ୍ ପଣବନ୍ଦୀ କରି ରଖିଥିଲା । ୱାଶିଂଟନ୍ ଏବଂ ହମାସ୍ ମଧ୍ୟରେ ଆଲୋଚନା ପରେ ତାଙ୍କୁ ମୁକ୍ତ କରାଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଲେକଜାଣ୍ଡାରଙ୍କ ମୁକ୍ତିକୁ ସ୍ୱାଗତ କରିଛନ୍ତି ।

## ଜେକେ ଗନ୍‌ଫାଇଟ୍

ଜାମ୍ମୁ-କାଶ୍ମୀର ସୋପିଆନ ଜିଲ୍ଲା ଅନ୍ତର୍ଗତ ସୁକ୍ରୁକେଲର ଜଙ୍ଗଲରେ ସୁରକ୍ଷାବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଆଜି ସକାଳେ ଗୁଳିବିନିମୟ ଚାଲିଛି । ପୁଲିସ ପକ୍ଷରୁ ଗୁଳିଚାଳନା ଚାଲିଥିବା ନିଶ୍ଚିତ କରାଯାଇଛି । ସଂପୃକ୍ତ ଜଙ୍ଗଲରେ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ମିଳିବା ପରେ ପୋଲିସ, ସେନା ଏବଂ ସିଆର୍‌ପିଏଫ୍ ପକ୍ଷରୁ ମିଳିତ ଭାବେ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ତଲାସୀ ଅଭିଯାନ ଆରମ୍ଭ କରିଯାଇଥିଲା । ଅଭିଯାନ ସମୟରେ ଲୁଚି ରହିଥିବା ଆତଙ୍କବାଦୀମାନେ ପ୍ରଥମେ ଗୁଳିଚାଳନା କରିବାରୁ ଜବାବରେ ମିଳିତ ଟିମ୍ ପକ୍ଷରୁ ଗୁଳିଚାଳନା କରାଯାଇଥିଲା ।

## ଶାହା-ଜୟଶଙ୍କର

ଦେଶର ସୁରକ୍ଷା ଏବଂ ଶତ୍ରୁ ପକ୍ଷର ଭିତ୍ତିଭୂମି ନଷ୍ଟ କରିବାରେ ଭାରତୀୟ ସେନାର ପଦକ୍ଷେପକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଚ୍ଚ ପ୍ରଶଂସା

କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶବାସୀଙ୍କୁ ନ୍ୟାୟ ପ୍ରଦାନ ସହିତ ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାର ପ୍ରତିଶୋଧ ନିଆଯାଇଛି । ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଛନ୍ତି ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଅପରେସନ ସିନ୍ଦୂର ମାଧ୍ୟମରେ ସରକାର ତାଙ୍କର ପ୍ରତିଶ୍ରୁତି ରକ୍ଷା କରିଛନ୍ତି ।

## ବାଂଲାଦେଶ ଇସି-ଏଏଲ୍

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ନେତୃତ୍ୱାଧୀନ ଆୱାମି ଲିଗ୍ ରାଜନୈତିକ ଦଳର ପଞ୍ଜୀକରଣକୁ ବାଂଲାଦେଶ ନିର୍ବାଚନ ଆୟୋଗ ରଦ୍ଦ କରିଛନ୍ତି ବୋଲି ଆୟୋଗର ଜଣେ ବରିଷ୍ଠ ପଦାଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷରେ ଆୱାମି ଲିଗ୍ ଏଭଳି ନିଷ୍ପତ୍ତିକୁ ଅଗ୍ରାହ୍ୟ କରିଛି । ପୂର୍ବରୁ ଦେଶରେ ଆୱାମି ଲିଗ୍ ଦଳର ସମସ୍ତ ପ୍ରକାର କାର୍ଯ୍ୟକ୍ରମକୁ  ନିଷେଧ କରାଯାଇଥିଲା । ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆତଙ୍କବାଦ ବିରୋଧି ଆଇନ୍

ଅଧୀନରେ ଦଳ ବିରୁଦ୍ଧରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ।

ସୂଚନା ଯୋଗ୍ୟ ଗତ ବର୍ଷ ଅଗଷ୍ଟ ୫ ତାରିଖରୁ ଆୱାମି ଲିଗ୍ ଦଳର ସଭାପତି ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା କ୍ଷମତାରୁ ଦୂରେଇ ରହିବା ସହ ଏବେ ଅନ୍ୟ ଦେଶରେ ଅବସ୍ଥାନ କରୁଛନ୍ତି । ଏହା ପରେ ନୋବେଲ୍ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ସେଠାରେ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରାଯାଇଥିଲା ।